# କାୟାକଳ୍ପ ପୁରସ୍କାର: ମୁଖ୍ୟ ଚିକିତ୍ସାଳୟକୁ ତୃତୀୟ ସ୍ଥାନ

- ୨୦୧୯ରେ ଅନୁଗୋଳ ପାଇଥିଲା ପ୍ରଥମ ପୁରସ୍କାର
- ପ୍ରଶଂସାପତ୍ର ସହ ମିଳିଲା ୩ ଲକ୍ଷ ଟଙ୍କା

**ଅନୁଗୋଳ, ୨୦।୩ (ଜ୍ୟୋତିରଞ୍ଜନ ସାହୁ)**

ରାଜ୍ୟସ୍ତରରେ କାୟାକଳ୍ପ ପୁରସ୍କାର ଘୋଷଣା ହୋଇଥିବାବେଳେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ମାଲକାନାଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ଏଥର ଚାମ୍ପିୟନ ହୋଇ ୫୦ ଲକ୍ଷ ଟଙ୍କାର ପୁରସ୍କାର ହାସଲ କରିଥିବାବେଳେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲ ରନରଅପ ହୋଇଛି। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରଶଂସାପତ୍ର ସହ ୩ ଲକ୍ଷ ଟଙ୍କା ପୁରସ୍କାର ମିଳିଛି। ୨୦୧୯ ମସିହାରେ କାୟାକଳ୍ପରେ ଚାମ୍ପିୟନ ହୋଇଥିବା ଅନୁଗୋଳ ମୁଖ୍ୟଚିକିତ୍ସାଳୟ ପରବର୍ତ୍ତୀ ୨ ବର୍ଷ ନୈରାଶ୍ୟଜନକ ପ୍ରଦର୍ଶନ କରି ପୁରସ୍କାର ତାଲିକାରୁ ବାଦ ପଡ଼ିଥିଲା। ୨୦୨୨–୨୩ ପରଠାରୁ କ୍ରମାଗତ ଭାବେ ପ୍ରଶଂସାପତ୍ରରେ ସନ୍ତୁଷ୍ଟ ହେଉଥିବା ଏହି ଚିକିତ୍ସାଳୟ ଗତବର୍ଷ ୧୬ତମ ସ୍ଥାନରେ ରହିଥିଲା। ହେଲେ ଏଥର ଉନ୍ନତ ପ୍ରଦର୍ଶନ କରି ସିଧାସଳଖ ତୃତୀୟ ସ୍ଥାନକୁ ଉଠିବାରେ ସଫଳ ହୋଇଛି। ସୂଚନାଯୋଗ୍ୟ, ଗତ ଜାନୁଆରୀ ୧୩ ତାରିଖରେ ରାଜ୍ୟ କାୟାକଳ୍ପ ଟିମ୍ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଏହି ୩ ଜଣିଆ ଟିମ୍ ଡାକ୍ତରଖାନା ପରିସରବୁଲି ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଚିକିତ୍ସାଳୟ ପରିବେଶର ପ୍ରଶଂସା କରିଥିଲେ। ତେବେ କିଛି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବାର ଆହୁରି ଅଧିକ କାର୍ଯ୍ୟ କରି ଜ୍ଞାନ ଆହରଣ ପାଇଁ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏହାସହ ଜିଲାର ୨ଟି ଉପଖଣ୍ଡ ଡାକ୍ତରଖାନା ଓ ୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ କାୟାକଳ୍ପ ପୁରସ୍କାର ଜିତିଛନ୍ତି। ତାଳଚେର ଓ ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନା ୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ପାଇଛି। ସେହିପରି କୋଶଳା, ଛେଣ୍ଡିପଦା, ବଁଅରପାଳ, ଗୋଡିବନ୍ଧ ଓ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫୦ ହଜାର ଟଙ୍କା ଲେଖାଏ ପୁରସ୍କାର ମିଳିଥିବା ବେଳେ ଜିଲାର ସମସ୍ତ ୩୧ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ଜିତିଥିବା ସୂଚନା ମିଳିଛି।



ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ।

# ସେବାଶ୍ରମ ସ୍କୁଲରେ ନୂତନ ଶିକ୍ଷାବୃତ୍ତି ପ୍ରଚଳନ



ନୂତନ ଶିକ୍ଷା ବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କ ସହ ବଦାନ୍ୟ ବ୍ୟକ୍ତିମାନେ।

**ବଁଅରପାଳ, ୨୦।୩ (ସୁବାସ ସାହୁ)**

ଅନୁଗୋଳ ଜିଲା ବଁଅରପାଳ ସେବାଶ୍ରମ ସ୍କୁଲରେ 'ଶ୍ରୀ ସୁରେନ୍ଦ୍ରନାଥ ମହାନ୍ତି ସ୍କଲାରଶିପ ଫର୍ ଏକାଡେମିକ ଏକ୍ସେଲେନ୍ସ' ନାମରେ ଏକ ନୂତନ ବେସରକାରୀ ଶିକ୍ଷାବୃତ୍ତିର ଶୁଭାରମ୍ଭ ହୋଇଛି। ଚଳିତ ବାର୍ଷିକ ପରୀକ୍ଷାରେ ସର୍ବୋତ୍ତମ କୃତିତ୍ୱ ଅର୍ଜନ କରିଥିବା ତୃତୀୟ ଶ୍ରେଣୀର ଛାତ୍ରୀ ଦିବ୍ୟାସିନୀ ନାଏକ, ଚତୁର୍ଥ ଶ୍ରେଣୀର ସାଇକୃଷ୍ଣା ଜେନା ଓ ଶ୍ରାବଣୀ ଗଡନାୟକ, ପଞ୍ଚମ ଶ୍ରେଣୀର ସ୍ଥିତିପ୍ରଜ୍ଞା ବେହେରା ଓ ଲକ୍ଷ୍ମୀପ୍ରିୟା ମୁର୍ମୁଙ୍କୁ ୧୦୦୦ ଟଙ୍କା ଲେଖାଏ ଏହି ଶିକ୍ଷାବୃତ୍ତି ପ୍ରଦାନ କରାଯାଇଥିଲା।

ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟର ସମାଜ ମଙ୍ଗଳ ଅଧିକାରୀ ଶକୁନ୍ତଳା ପ୍ରିୟଦର୍ଶିନୀ ଯୋଗଦେଇ ବୃତ୍ତି ପ୍ରଦାନ କରିବା ସହ ଏହାକୁ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ପ୍ରବୀର କୁମାର ବେହେରା ଅଧ୍ୟକ୍ଷତା କରିବା ସହ ଏହି ବୃତ୍ତି ପ୍ରଚଳନ କରିଥିବା ଭୁବନେଶ୍ୱର ନିବାସୀ ବଦାନ୍ୟ ପରିବାରର ସଦସ୍ୟା ଦିପ୍ତୀ ମହାନ୍ତି, ତାଙ୍କ ଭାଇ ପ୍ରଫେସର ମନୋଜ କୁମାର ମହାନ୍ତି ଓ ଡାକ୍ତର ପ୍ରଜ୍ଞା ପାରମିତା ମହାନ୍ତି, ସତ୍ୟ ସୁନ୍ଦର ମହାନ୍ତିଙ୍କୁ ସାଧୁବାଦ ଜଣାଇଥିଲେ। ସୂଚନାଯୋଗ୍ୟ, ଏହି ବୃତ୍ତି ପ୍ରଚଳନ କରିଥିବା ମନୋଜ ଉକ୍ତ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ତାଙ୍କ ପିତା ସ୍ୱର୍ଗତ ସୁରେନ୍ଦ୍ରନାଥ ମହାନ୍ତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଏ ଅଞ୍ଚଳରେ ପ୍ରିୟପାତ୍ର ହୋଇପାରିଥିଲେ। ଏହି ଶିକ୍ଷାବୃତ୍ତି ତାଙ୍କ ପିତାଙ୍କ ସ୍ମୃତିରେ କୃତୀ ଛାତ୍ରୀଛାତ୍ରଙ୍କ ପ୍ରଦାନ କରାଯିବ। ପ୍ରଫେସର ମହାନ୍ତି ଆଭାସୀ ବାର୍ତ୍ତା ମାଧ୍ୟମରେ ସ୍କୁଲ ପକ୍ଷରୁ ମିଳିଥିବା ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ସୁରେଶ ଚନ୍ଦ୍ର ଦାସ, ଅଶୋକ ରାଉତ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସତ୍ୟ ସୁନ୍ଦର ମହାନ୍ତି ଧନ୍ୟବାଦ ଜଣାଇଥିଲେ।

# ପୋଷ୍ୟଗ୍ରାମରେ ସ୍ୱାସ୍ଥ୍ୟ ପରୀକ୍ଷା




**ଭୁବନ, ୨୦।୩ (ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ମହିଳା କଲେଜର ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ ପକ୍ଷରୁ ଶୁକ୍ରବାର ଭଲିଆପଶି ପୋଷ୍ୟଗ୍ରାମରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ସେଥିରେ ହୋମିଓପାଥିକ ଡାକ୍ତର ଅମିତ କୁମାର ବାରିକ ଉପସ୍ଥିତ ରହି ଲୋକମାନଙ୍କ ସାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ସ୍ୱାସ୍ଥ୍ୟଶିବିରକୁ କଲେଜର ଅଧ୍ୟକ୍ଷ ଦିଲୀପ ଦାସ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଶିବିରକୁ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ତଥା ସଂସ୍କୃତ ବିଭାଗ ଅଧ୍ୟାପକ ନିରଞ୍ଜନ ନାୟକ ଓ ଯୁବ ରେଡକ୍ରସର କାଉନସିଲର ଅନୁପମା ମିଶ୍ର ପରିଚାଳନା ଅରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ସଙ୍ଗୀତ ନନ୍ଦ ଓ ଡେମୋଷ୍ଟ୍ରେଟର ଅମୁଜ କୁମାର ସାହୁ ଯୋଗଦେଇଥିଲେ। ସେଥିରେ ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗଦେଇ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପ୍ରେରଣା ଦେଇଥିଲେ।

# ମା'ବାସନ୍ତୀ ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ

**ବଁଅରପାଳ, ୨୦।୩ (ସୁବାସ ସାହୁ)**

ଅନୁଗୋଳ ଜିଲା ବଁଅରପାଳ ଡେଲି ମାର୍କେଟ ପରିସରରେ ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବାକୁ ଥିବା ମା' ବାସନ୍ତୀ ଦୁର୍ଗାପୂଜାକୁ ସୁଚାରୁ ଭାବେ ଆୟୋଜନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁବାସ ବାଘଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ପୂଜାର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ମା' ବାସନ୍ତୀ ଦୁର୍ଗାଙ୍କ ପୂଜା ପାଳନ କରାଯିବା ସହିତ ଭକ୍ତମାନଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନେଇ ସ୍ଥିର କରାଯାଇଛି। ଏହାସହିତ ୨୯ ତାରିଖରେ ମା'ଙ୍କ ବିସର୍ଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ପୂଜା କମିଟି ଉପଦେଷ୍ଟା ସାଗର ବିଶ୍ୱାଳ, ଦେବାଶିଷ ପ୍ରଧାନ, ସମ୍ପାଦକ ସିପୁନ ଦାସ, ଯୁଗ୍ମ ସମ୍ପାଦକ ରାକେଶ ଦାସ, ବିଶ୍ୱମିତ୍ର ସେନାପତି, ସହ ସମ୍ପାଦକ ଲୋକେଶ ନାଥ, କୋଷାଧ୍ୟକ୍ଷ ନିତ୍ୟାନନ୍ଦ ଭୂତିଆ, କର୍ତ୍ତା ସୁଧାଂଶୁ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଚିଙ୍କୁ ସେନାପତି, ଉପସଭାପତି ବିଶ୍ୱଜିତ ଦାସ, ଦିବ୍ୟ ଭୂତିଆ, ପ୍ରଭାତ ରଣା, ରୋହିତ ବେହେରା, ସୁମନ୍ତ ପରିଡ଼ା, ସୁଧୀର ବେହେରା, ଆଦିତ୍ୟ ନାୟକ, ସତ୍ୟବ୍ରତ ସେନାପତି, ସୌମ୍ୟେନ୍ଦ୍ର ଭୋଇ, ଦେବବ୍ରତ ବରାହ, ରାଜୀବ ବେହେରା, ଦିବ୍ୟ ସାମଲ, ହିମାଂଶୁ ସାମଲ, ମହମ୍ମଦ ସାହିଲ, ପ୍ରବୀଣ ବିଶୋଇ, ସୁବ୍ରତ ସାହୁ, ସମୀର ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ

**ବନ୍ତଳା, ୨୦।୩ (ସୁଶିତ ସାହୁ)**

ଅନୁଗୋଳ ବ୍ଲକ ପୋକତୁଙ୍ଗା ଗାଁରେ ସ୍ୱନ୍ଦନା ଫାଇନାନ୍ସ କର୍ମଚାରୀଙ୍କୁ ମରଣାତ୍ମକ ଆକ୍ରମଣ ନେଇ ବନ୍ତଳା ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନ ୪ଟାବେଳେ ଫାଇନାନ୍ସ କମ୍ପାନୀର କର୍ମଚାରୀ ପ୍ରିୟରଞ୍ଜନ ଭୋଲ ପୋକତୁଙ୍ଗା ଗାଁର ଅନୀତା ବେହେରାଙ୍କ ଘରକୁ ଋଣ କିସ୍ତି ଆଦାୟ କରିବାକୁ ଯାଇଥିଲେ। ତାଙ୍କ ଘର ତାଲା ପଡିଥିବା ବେଳେ କୌଣସି ବ୍ୟକ୍ତି ଉପସ୍ଥିତ ନ ଥିବା ଦେଖିଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଗାଡ଼ି (ନଂ ଓଆର ୧୯ଏ–୫୬୮୫)ରେ ଆସି ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ଗାଡିର ଚାବି ଛଡ଼ାଇ ନେଇଥିଲେ। କର୍ମଚାରୀ ଜଣକ ଚାବି ମାଗିବାରୁ ଗାଳିଗୁଲଜ କରିବା ସହ ବାଡ଼ିରେ ପିଟି ରକ୍ତାକ୍ତ କରିଦେଇଥିଲେ। ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପରେ ବ୍ୟକ୍ତି ଜଣକ ବାଇକ୍ ଛାଡ଼ି ପଳାଇ ଯାଇଥିଲେ। ଫାଇନାନ୍ସ କର୍ମଚାରୀ ଜଣକ ପୋଲିସ ସହାୟତା ନମ୍ବର ୧୧୨କୁ ଫୋନ କରିବା ପରେ ବନ୍ତଳା ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଏଥିସହ ବାଇକ୍‌କୁ ଜବତ କରିଥିଲା। କର୍ମଚାରୀଙ୍କ ଠାରୁ ଲିଖିତ ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ନଟବର ନନ୍ଦ ପ୍ରକାଶ କରିଛନ୍ତି।

# ଆଜି ଛେଣ୍ଡିପଦାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

**ଛେଣ୍ଡିପଦା, ୨୦।୩ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ଶନିବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବା ସହିତ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନ। ଏ ନେଇ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ସୂଚନା ଅନୁଯାୟୀ, ଶନିବାର କେନ୍ଦ୍ରମନ୍ତ୍ରୀ ପ୍ରଧାନ ଛେଣ୍ଡିପଦା ବ୍ଲକ ସଦର ମହକୁମାରେ ଥିବା ଜଗନ୍ନାଥ ମନ୍ଦିର ସମ୍ମୁଖ ପଡ଼ିଆରେ ଆୟୋଜିତ ସଭାରେ ଯୋଗଦେବେ। ଇତିମଧ୍ୟରେ ଅନୁଗୋଳ ଜିଲାପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ଗୌରବମୟ ପ୍ରଧାନଙ୍କୁ ପ୍ରଶାସନ ପକ୍ଷରୁ ନୋଡାଲ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରଧାନଙ୍କ ସମେତ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ ଓ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତିଙ୍କ ବହୁ ସମେତ ପ୍ରାଶାସନିକ ଅଧିକାରୀମାନେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ୧୬୨. ୯୧କୋଟି ଟଙ୍କାରେ ୬୬ଟି ପ୍ରକଳ୍ପର ଶିଳାନ୍ୟାସ କରିବା ସହିତ ଓ ୮. ୭୩ କୋଟି ଟଙ୍କାରେ ନିର୍ମିତ ୧୩ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବେ। ପରେ ଛେଣ୍ଡିପଦା ଭଜପା କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ସହ ବାଗଡ଼ିଆ ତୃତୀୟ ସର୍ବ ଭାରତୀୟ ଭଲିବଲ ଟୁର୍ନାମେଣ୍ଟରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ପଖାଳ ଆମ ଓଡିଆ ସଂସ୍କୃତିର ପ୍ରତୀକ



## ଲମ୍ବୋଦରପୁରରେ ପଖାଳ ଦିବସ

**ଢେଙ୍କାନାଳ, ୨୦।୩ (ରତନ ନାୟାର)**

ପଖାଳ ଓଡ଼ିଆ ସଂସ୍କୃତିର ପ୍ରତୀକ । ଏହା କେବଳ ଗରିବଙ୍କ କଂସାରେ ସୀମିତ ନାହିଁ ବରଂ ପଞ୍ଚତାରକା ହୋଟେଲ୍‌ରେ ମଧ ଖାଦ୍ୟ ମେନୁରେ ସ୍ଥାନ ପାଇଲାଣି। ଯୁବପିଢି ଏଥିପ୍ରତି ସଚେତନ ରହିବା ଆବଶ୍ୟକ ବୋଲି ଢେଙ୍କାନାଳର ପୂର୍ବତନ ଏମ୍‌ପି ମହେଶ ସାହୁ କହିଛନ୍ତି। ଢେଙ୍କାନାଳ ସଦର ବ୍ଲକ୍ ଲମ୍ବୋଦରପୁରସ୍ଥିତ ମା' ତାରିଣୀ ମନ୍ଦିରରେ ଜିଲା ଶ୍ରୀଜଗନ୍ନାଥ ସେବା ପରିଷଦ ପକ୍ଷରୁ ଆୟୋଜିତ ବିଶ୍ୱ ପଖାଳ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହୁ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ଆଜବେଷ୍ଟସ୍‌ର ୱାର୍କସ ମ୍ୟାନେଜର କ୍ଷୀରୋଦ କୁମାର ବେହେରା ଯୋଗ ଦେଇଥିଲେ । ପରିଷଦର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ରଥ ସଭାପତିତ୍ୱ କରି ଶ୍ରୀଜଗନ୍ନାଥ କିଭଳି ପଖାଳ ପ୍ରିୟ ତାହା ବଖାଣି ଥିଲେ। ମିଠା ପଖାଳ, ଦହି ପଖାଳ, ଘିଅ ପଖାଳ, ଦୋ–ପଖାଳ ଓ ଅଦା ପଖାଳ ଆଦି ବହୁ ରକମର ପଖାଳ ଶ୍ରୀଜଗନ୍ନାଥ ମଣୋହୀ କରିଥାନ୍ତି। ଏହା ଆମ ସଂସ୍କୃତି, ଐତିହ୍ୟ ଓ ଅସ୍ମିତାର ପ୍ରତୀକ ରୂପେ ପରିଗଣିତ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ଉପସଭାପତି ସୁନିଲ୍ ଦାଶ, ସଦସ୍ୟ ବିଶ୍ୱନାଥ ବେହେରା, ଆଇନ୍‌ଜୀବୀ ଦୀପକ ପଟ୍ଟନାୟକ, ଇଂ. କିଶୋର ମିଶ୍ର, ଅନିତା ରଥ, ପ୍ରେମଶଙ୍କର ମିଶ୍ର, ମନୋରଞ୍ଜନ ମିଶ୍ର, ରମେଶ ପତି ଓ ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ତାରିଣୀ ମନ୍ଦିର ପରିଚାଳନା କମିଟି ସଭ୍ୟ ତ୍ରିଲୋଚନ ସାହୁ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମବେତ ଶ୍ରଦ୍ଧାଳୁଙ୍କୁ ମା'ଙ୍କ ଠାରେ ନୈବେଦ୍ୟ ହୋଇଥିବା ଦହି ପଖାଳ, ଛତୁ ଖରଡା, ଆଳୁବାଇଗଣ ଭରତା, ବଡିଚୁରା, କାକୁଡି ଟମାଟୋ ସାଲାଡ୍, ପାମ୍ପଡ, ଆଳୁ କଲରା ଭଜା ଓ ଶାଗମୁଗ ଆଦି ପରସା ଯାଇଥିଲା। ବାସନ୍ତୀକ ଦୁର୍ଗା ପୂଜାରେ ଆଜି ମା'ଙ୍କର ଦ୍ୱିତୀୟ ଦିବସରେ ମା'ଙ୍କ ପାଖରେ ଗାମୁଛା ଓ ଧୂପ ଲାଗି କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଟୋଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

**ସନ୍ତ୍ରୀଛକ, ୨୦।୩ (ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଁଅରପାଳ ବ୍ଲକ ଭୋଗବେରେଣି ଗ୍ରାମର ଅଟୋ ଚାଳକ ଅମ୍ବୁଜ କୁମାର ବେହେରାଙ୍କ ଶୁକ୍ରବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ଅମ୍ବୁଜ ସବୁଦିନ ଭଳି ଭୋର୍ ସମୟରେ ଅଟୋ ନେଇ ବଜାରକୁ ଯାଇଥିଲେ। ବଜାରରେ କାମ ସାରି ସକାଳ ୧୦ଟାରେ ଘରକୁ ଫେରିଥିଲେ। ଘରେ ପହଞ୍ଚିବା ପରେ ତାଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ତାଳଚେର ଥର୍ମାଲ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ତାଙ୍କ ଭ୍ରାଇଁ ରଞ୍ଜନ ବେହେରା ପହଞ୍ଚି ବଁଅରପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୮/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ ବୋଲି ବଁଅରପାଳ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ସୂଚନା ଦେଇଛନ୍ତି।

# ଯୋଗାଭ୍ୟାସ କେନ୍ଦ୍ର ଭିତ୍ତିପ୍ରସ୍ତର

**କେନ୍ଦୁଝର, ୨୦।୩ (ଦୀପକ ମିଶ୍ର)**

କେନ୍ଦୁଝର ପୁରୁଣା ସହରର ହାଟପଡ଼ିଆଠାରେ ଶୁକ୍ରବାର ବରିଷ୍ଠ ନାଗରିକଙ୍କ ଯୋଗାଭ୍ୟାସ କେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁଙ୍କ କରକମଳରେ ଶୁଭ ଦିଆଯାଇଥିଲା। ବରିଷ୍ଠ ନାଗରିକ କମିଟିର ସଭାପତି ସରୋଜ ରଣା, ସାଧାରଣ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ଦାଶ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ ନାଏକ, ଜିଲା ଠିକାଦାର ସଂଘର ସମ୍ପାଦକ ଅନୁପ ମହାନ୍ତି, କେନ୍ଦୁଝର ମ୍ୟୁନିସିପାଲିଟିର ପୂର୍ବତନ ପୌରାଧ୍ୟକ୍ଷ ପ୍ରଭଞ୍ଜନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝରଗଡ଼ ପୌରପାଳିକା ପ୍ରତିନିଧି ସତ୍ୟନାରାୟଣ ବାରିକ, କାଉନ୍‌ସିଲର ଶରତ ସାହୁ, ଘୁଙ୍ଗୁରୁ ଅନୁଷ୍ଠାନର ସଭାପତି ଜ୍ଞାନରଞ୍ଜନ ପତି, ବରିଷ୍ଠ ନାଗରିକ ମଧୁସୂଦନ ପାତ୍ର, ସତ୍ୟନାରାୟଣ ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ନାଗରିକ, ସ୍ଥାନୀୟ ବାସିନ୍ଦା ତଥା ମ୍ୟୁନିସିପାଲିଟିର ପଦାଧିକାରୀ ଉପସ୍ଥିତ ଥିଲେ। କାମକୁ ଉଚ୍ଚମାନର ଏବଂ ସୁନ୍ଦର କରିବା ପାଇଁ ଅଧ୍ୟକ୍ଷା ସମସ୍ତଙ୍କର ସହଯୋଗ କାମନା କରିଥିଲେ।

# ପିଏମ୍‌ଶ୍ରୀ ବିଦ୍ୟାଳୟ ପରିଦର୍ଶନ କରି ସମୀକ୍ଷା କଲେ

## କେନ୍ଦ୍ର ଯୁଗ୍ମ ସଚିବଙ୍କ ଢେଙ୍କାନାଳ ଗସ୍ତ



**ଢେଙ୍କାନାଳ, ୨୦।୩ (ରତନ ନାୟାର)**

ଭାରତ ସରକାରଙ୍କ ତଥ୍ୟ ଓ ପ୍ରସାରଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରିଥୁଲ କୁମାର ଢେଙ୍କାନାଳ ଜିଲା ଗସ୍ତ କରି ୧୯ ଓ ୨୦ ଦୁଇଦିନ ଧରି ଢେଙ୍କାନାଳ ଜିଲାରେ ପିଏମ୍‌ଶ୍ରୀ ବିଦ୍ୟାଳୟଗୁଡିକର କାର୍ଯ୍ୟକ୍ଷମ ସମୀକ୍ଷା କରିଥିଲେ । ୧୯ ତାରିଖ ପୂର୍ବାହ୍ନରେ ଭୁବନ ବ୍ଲକ ପିଏମ୍‌ଶ୍ରୀ ଜାତୀୟ ବିଦ୍ୟା ନିକେତନ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ବିଦ୍ୟାଳୟର ବିଜ୍ଞାନାଗାର, ଆଇସିଟି ଲ୍ୟାବ, ଇ–ଲାଇବ୍ରେରୀ, ଧନ୍ଦମୂଳକ ଶିକ୍ଷା, ପରିଷ୍କାର ପରିଚ୍ଛନ୍ନତା, ଖେଳ ପଡ଼ିଆ, ପରିବା ବଗିଚା, ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ପାଇଁ ସକ୍ଷମ କେନ୍ଦ୍ର ଆଦି ପରିଦର୍ଶନ କରିଥିଲେ। ମଧ୍ୟାହ୍ନରେ ସଦର ବ୍ଲକର ପିଏମ୍‌ଶ୍ରୀ କାଇମାଟି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟରେ ଥିବା ଔଷଧୀୟ ବଗିଚା, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ସକ୍ଷମ କେନ୍ଦ୍ର, ସ୍ମାର୍ଟ କ୍ଲାସରୁମ ଓ ଛାତ୍ର ଉପଯୋଗୀ ଉନ୍ନୟନମୂଳ କାର୍ଯ୍ୟକ୍ରମକୁ ବୁଲି ସନ୍ତୋଷ ବ୍ୟକ୍ତ କରିଥିଲେ । ଏହି ଗସ୍ତ ସମୟରେ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦିପ୍ତୀରଞ୍ଜନ ସେଠୀ, ବିଡିଓ ଆୟୁଷି ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ ପରେଶଚନ୍ଦ୍ର ପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ଓ ସମଗ୍ର ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ । ଅପରାହ୍ନରେ ଢେଙ୍କାନାଳ ସହରରେ ଥିବା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ୨୦ ତାରିଖରେ ଜିଲା ସଦ୍‌ଭାବନା ଗୃହରେ ଜିଲାପାଳ ଆଶିଷ ପାଟିଲଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ସଚିବ ପ୍ରିଥୁଲ କୁମାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଜିଲାରେ ୨୧ଟି ପିଏମ୍‌ଶ୍ରୀ ବିଦ୍ୟାଳୟଗୁଡିକର କାର୍ଯ୍ୟକ୍ରମ ସମ୍ପର୍କରେ ପିପିଟି ମାଧ୍ୟମରେ ଉପସ୍ଥାପନା କରିଥିଲେ । ଯୁଗ୍ମ ସଚିବ ପରିଦର୍ଶନ କରିଥିବା ଅନୁଭୂତି ସମ୍ପର୍କରେ କହିବା ସହିତ ଢେଙ୍କାନାଳ ଜିଲା ଏକ ଅଗ୍ରଣୀ ଜିଲା ଭାବେ ପରିଗଣିତ ହେବାକୁ ଆଶାବ୍ୟକ୍ତ କରିଥିଲେ ।

# ଦୃଷ୍ଟିହୀନ, ବଧିର ବିଦ୍ୟାଳୟ ଛାତ୍ରୀଛାତ୍ର ୩ ଦିନ ଉପାସରେ ଥିବା ଅଭିଯୋଗ

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ

**ଢେଙ୍କାନାଳ, ୨୦।୩ (ରତନ ନାୟାର)**

ଢେଙ୍କାନାଳ କଣ୍ଟାନାଳୀ ବାଇପାସ୍‌ଠାରେ ଥିବା ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ୧୨ଜଣ ଛାତ୍ରୀଛାତ୍ର ତିନି ଦିନ ହେଲା ଉପାସରେ ରହିଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଛାତ୍ରୀଛାତ୍ରମାନେ ଢେଙ୍କାନାଳ ସହର ଗଣେଶ ବଜାରଠାରୁ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କୁ ଭେଟି ଅଭିଯୋଗ ପ୍ରଦାନ କରିଛନ୍ତି। ସ୍କୁଲ କମିଟି ଭଙ୍ଗାଯାଇ ତୁରନ୍ତ ନୂତନ ଦାୟିତ୍ୱ ଜିଲା ରେଡକ୍ରସ୍‌କୁ ଦିଆଯାଉ ବୋଲି ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ପିଲାଙ୍କ ଖାଦ୍ୟପେୟ ପାଇଁ ଅନୁଦାନ ଆସୁଥିଲେ ମଧ ସେମାନଙ୍କୁ ନିୟମିତ ଖାଦ୍ୟ ପ୍ରଦାନ କରାଯାଉ ନ ଥିବା ସମ୍ପର୍କରେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ପାଇଁ ସେମାନେ ଜିଲାପାଳଙ୍କଠାରେ ଦାବି କରିଛନ୍ତି। ଜିଲାପାଳ ଆଶିଷ ଈଶ୍ୱର ପାଟିଲ ତୁରନ୍ତ ପିଲାଙ୍କୁ ଖାଇବା ପ୍ରଦାନ ଚାଲୁ ରଖିବା ପାଇଁ ସ୍କୁଲ କମିଟି ଓ ଜିଲା ସାମାଜିକ ସୁରକ୍ଷା କମିଟିକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ସ୍କୁଲ କମିଟି ବିରୋଧରେ ଆସିଥିବା ଅଭିଯୋଗ ବିରୋଧରେ ତଦନ୍ତ କରାଯାଉଛି ଏବଂ ଆର୍ଥିକ ଅନିୟମିତତା ନେଇ ଏକ ସ୍ପେଶାଲ ଅଡିଟ୍ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ବିଦ୍ୟାଳୟ ପରିଚାଳନା ଦାୟିତ୍ୱରେ ଥିବା ଅକ୍ଷମ କଲ୍ୟାଣ ସମିତିର ସଭାପତି ପ୍ରଦ୍ୟୁମ୍ନ ରଥ କହିଛନ୍ତି, ପିଲାମାନଙ୍କର ଯେହେତୁ ପରୀକ୍ଷା ସରିଯାଇଛି ଆମେ ସାଇନ୍ ଏ ଡାଇ ଘୋଷଣା କରିଦେଇଛୁ। ତେଣୁ ପିଲାମାନେ ଘରକୁ ଫେରିଯିବା କଥା। ସରକାରଙ୍କ ପକ୍ଷରୁ ଦୀର୍ଘମାସ ହେଲା ଅନୁଦାନ ପ୍ରଦାନ କରାଯାଇନଥିବାରୁ ପରୀକ୍ଷା ପର୍ଯ୍ୟନ୍ତ ଆମେ ସମସ୍ତ ବିଷୟକୁ ଚଳାଇ ନେଇଥିଲୁ କହି ଅଭିଯୋଗକୁ ଅସ୍ୱୀକାର କରିଥିଲେ।


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଛାତ୍ରୀଛାତ୍ର ଓ ଶିକ୍ଷକମାନେ।

## ପାତ୍ରପଡ଼ା ମା' ବାୟାଣୀ ପୀଠରେ ସହସ୍ରାଧିକ ଶ୍ରଦ୍ଧାଳୁ

# ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା'


ବାର୍ଷିକ ଉତ୍ସବ ଅବସରରେ ସୁସଜ୍ଜିତ ମା' ବାୟାଣୀ।


ବାର୍ଷିକ ଉତ୍ସବ ପାଳନରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

**ଛେଣ୍ଡିପଦା,୨୦।୩ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡ଼ା ଦେବୀନଗର ପାହାଡ଼ର ପାଦଦେଶରେ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଭକ୍ତିମୟ ପରିବେଶରେ ଥିବା ମା' ବାୟାଣୀଙ୍କ ପୀଠ ଶ୍ରଦ୍ଧାଳୁଙ୍କ ଗହଳିରେ ଉଚ୍ଛୁଳି ଉଠୁଛି। ଚଳିତବର୍ଷ ମା'ଙ୍କ ବାର୍ଷିକ ପୂଜା ୨ ଦିନ ଧରି ଧୁମ୍‌ଧାମରେ ପାଳିତ ହେଉଥିବାରୁ ଶୁକ୍ରବାର ସହସ୍ରାଧିକ ଭକ୍ତଙ୍କ ଗହଳି ଲାଗିଥିଲା। ପାତ୍ରପଡ଼ା ଗ୍ରାମ ସଭାପତି ଗୋଲକ ବିହାରୀ ସାହୁଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀଙ୍କ ସହଯୋଗରେ ମହାଆଡ଼ମ୍ବରରେ ଏହି ପୂଜା ପାଳନ କରାଯାଉଛି।

ପ୍ରଥମ ଦିବସରେ ଏକ ବିରାଟ ଶୋଭାଯାତ୍ରାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସହସ୍ରାଧିକ ଶ୍ରଦ୍ଧାଳୁ ସାମିଲ ହୋଇ ମା'ଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପୂଜକ ରଞ୍ଜନ ଦେହୁରୀ ଓ ସହଯୋଗୀ ରୀତିନୀତି ଅନୁଯାୟୀ ମା'ଙ୍କୁ ସଜ୍ଜିତ କରିବା ପରେ ମା' ରାଜରାଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ୪୫୨ଜଣ ମାନସିକଧାରୀଙ୍କ ମୁଣ୍ଡନ କରାଯାଇଥିଲା। ଶତାଧିକ ମାନସିକଧାରୀ ମା'ଙ୍କ ନିକଟରେ ଅଧିଆ ପଡିଥିଲେ। ମା'ଙ୍କ ଏହି ବାର୍ଷିକ ଯାତ୍ରାରେ ଭଲ ବ୍ୟବସାୟ ଆଶା ନେଇ ବହୁ ଦୂରଦୂରାନ୍ତରୁ ଛୋଟବଡ ବ୍ୟବସାୟୀ ଏଠାରେ ଉଠାଦୋକାନ ଖୋଲିଛନ୍ତି। ସେହିପରି ଗ୍ରୀଷ୍ମ ପ୍ରବାହ ଓ ଜନଗହଳିକୁ ଆଖି ଆଗରେ ରଖି ବିଭିନ୍ନ ସ୍ଥାନରେ ଜଳଛତ୍ରର ବ୍ୟବସ୍ଥା କରାଯିବା ସହିତ ଭକ୍ତମାନଙ୍କ ନିମନ୍ତେ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପାତ୍ରପଡ଼ା ଗସ୍ତ କରି ମା' ବାୟାଣୀଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ଅଞ୍ଚଳର ଶୁଭ ମନାସି ଥିଲେ। ଏହି ଭିଡ଼କୁ ଦୃଷ୍ଟିରେ ରଖି ଅନୁଗୋଳ ଅତିରିକ୍ତ ଏସ୍‌ପି ସମୀର କୁମାର ପଣ୍ଡା, ଏସ୍‌ଡିପିଓ ରମାକାନ୍ତ ମାହାଳିକ, ବାଗଡ଼ିଆ ଥାନା ଅଧିକାରୀ ଦେବବ୍ରତ ନାୟକଙ୍କ ସମେତ ୫ଜଣ ଇନ୍ସପେକ୍ଟର, ୧୬ ପୋଲିସ ଅଫିସର, ମାଜିଷ୍ଟ୍ରେଟ ଭାବେ ଛେଣ୍ଡିପଦା ତହସିଲଦାର ମାନସ ରାୟଙ୍କ ସମେତ ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଯାତ୍ରାରେ ପାର୍କିଂ, ଶୃଙ୍ଖଳିତ ଦର୍ଶନ ଠାରୁ ଆରମ୍ଭ କରି ଟ୍ରାଫିକ ପର୍ଯ୍ୟନ୍ତ ପୋଲିସକୁ ପାତ୍ରପଡ଼ା ଗ୍ରାମ୍ୟକମିଟି ପକ୍ଷରୁ ସହଯୋଗ କରାଯାଇଥିଲା। ଯାତ୍ରାରେ ଭକ୍ତମାନଙ୍କ ନିମନ୍ତେ ପାତ୍ରପଡ଼ା ତଳମଣ୍ଡଳୀ ସାହିର ଯୁବଗୋଷ୍ଠୀଙ୍କ ପକ୍ଷରୁ ୨ଟି ସ୍ଥାନରେ ଅନ୍ନ ପ୍ରସାଦ, ଶ୍ରଦ୍ଧାଳୁ ବାନାମ୍ବର ସାହୁଙ୍କ ଦ୍ୱାରା କ୍ଷୀରି ଭୋଗ, ଶ୍ରଦ୍ଧାଳୁ ସୁନାକର ସାହୁଙ୍କ ଦ୍ୱାରା ତରଭୁଜ, ମା' ବାୟାଣୀ ଯୁବକ ସଂଘର ମୋହନ ଚରଣ ସାହୁଙ୍କ ନେତୃତ୍ୱରେ ସର୍ବତ ଓ ପାତ୍ରପଡ଼ା ଗ୍ରାମର ସୁନାକର ସାହଙ୍କ ପକ୍ଷରୁ ଭକ୍ତଙ୍କ ପାଇଁ ମୃଦୁ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପାତ୍ରପଡ଼ା ଗ୍ରାମ କମିଟି ସମ୍ପାଦକ ଜଗବନ୍ଧୁ ସାହୁ, କୋଷାଧ୍ୟକ୍ଷ ପାଦକ ସାହୁ, ହେଡବେହେରା ଚଉରା ସାହୁ, ଘାସିରାମ ସାହୁ, ଯଶୋବନ୍ତ ସାହୁ, ଜଗବନ୍ଧୁ ସାହୁ, କାଳିଆ ସାହୁ, ବିନୋଦ ସାହୁ, ପର୍ଶୁରାମ ସାହୁ, ପ୍ରଣବନ୍ଧୁ ବେହେରାଙ୍କ ସମେତ ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ଓ ଯୁବ ଗୋଷ୍ଠୀ ସହଯୋଗ କରିଥିଲେ।

# ଏମ୍‌ପି ପାଣିଙ୍କ ପତ୍ରର ଉତ୍ତରଦେଲେ କୋଇଲା ମନ୍ତ୍ରୀ

## ତାଳଚେରରେ ମାଟି ଦବିବା ପ୍ରସଙ୍ଗ

**ତାଳଚେର,୨୦।୩ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ହାଣ୍ଡିଧୁଆଁ ଅଞ୍ଚଳରେ କିଛିଦିନ ପୂର୍ବେ ମାଟି ଦବି ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିଲା। ଏହାକୁ ନେଇ ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ କୋଇଲା ମନ୍ତ୍ରୀ ଜୀ. କିଷାନ ରେଡ୍ଡୀଙ୍କୁ ଭେଟି ଫେବୃଆରୀ ୪ ତାରିଖରେ ଲିଖିତ ଭାବେ ଦାବି ଉପସ୍ଥାପନ କରିଥିଲେ। ତେବେ ଏ ସମ୍ପର୍କରେ ଆବଶ୍ୟକ ତଦନ୍ତ ପରେ କେନ୍ଦ୍ର କୋଇଲା ମନ୍ତ୍ରୀ ରେଡ୍ଡୀ ଉକ୍ତ ପତ୍ରର ଉତ୍ତର ଦେଇଥିବା ଏମ୍‌ପି ପାଣି ସୂଚନା ଦେଇଛନ୍ତି।

ଉକ୍ତ ପତ୍ରରେ କୋଇଲା ମନ୍ତ୍ରୀ ରେଡ୍ଡୀ ଉଲ୍ଲେଖ କରିଛନ୍ତି, ତାଳଚେରସ୍ଥିତ ଏମ୍‌ସିଏଲ୍ ସହିତ ପରାମର୍ଶ କରି ଏହି ଘଟଣାର ତଦନ୍ତ କରାଯାଇଛି। ଏମ୍‌ସିଏଲ୍‌ର ରିପୋର୍ଟ ଅନୁସାରେ ହୋଇଥିବା ଗର୍ତ୍ତ ସମ୍ପର୍କରେ ବୈଜ୍ଞାନିକ ଅଧ୍ୟୟନ ଆରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ ସିଏମ୍‌ପିଡିଆଇ ଆଞ୍ଚଳିକ ପ୍ରତିଷ୍ଠାନକୁ ବିସ୍ତୃତ ଅଧ୍ୟୟନ ଦାୟିତ୍ୱ ଦିଆଯାଇଛି। ସିଏମ୍‌ପିଡିଆଇ ଗର୍ତ୍ତର ନିକଟବର୍ତ୍ତୀ ଅଞ୍ଚଳରେ ସର୍ଭେ ସମାପ୍ତ କରିଛି। ସେହିପରି ଗର୍ତ୍ତ ଗଠନର ପୁନରାବୃତ୍ତି ସମସ୍ୟାର ତଦନ୍ତ କରିବା, ସ୍ଥିରତା ବିଶ୍ଳେଷଣ କରିବା, ଉଚ୍ଚ ବିପଦ ଅଞ୍ଚଳ ଚିହ୍ନଟ କରିବା, ପ୍ରତିରୋଧକ ଏବଂ ନିରୀକ୍ଷଣ ପଦକ୍ଷେପ ସୁପାରିସ କରିବା ପାଇଁ ଏନ୍‌ଆଇଟି ରାଉରକେଲାକୁ ଅଧ୍ୟୟନ ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ସମସ୍ୟା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି ସମାଧାନ ପାଇଁ ଯୋଜନା ପ୍ରସ୍ତୁତ କରିବା ନିମନ୍ତେ ୩ଟି ବୈଠକ ଅନୁଷ୍ଠିତ ହୋଇଛି। ସିଆଇଏମ୍‌ଏଫ୍‌ଆର୍ ଧାନବାଦକୁ ପ୍ରଦାନ କରାଯାଇଥିବା ବୈଜ୍ଞାନିକ ଅଧ୍ୟୟନର ତୃତୀୟ ପର୍ଯ୍ୟାୟ ଅଧୀନରେ ବୋର୍‌ହୋଲ କ୍ୟାମେରା ସର୍ଭେ ଏବଂ ଅନ୍ୟାନ୍ୟ ଉନ୍ନତ କୌଶଳ ବ୍ୟବହାର କରି ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା 'ବ୍ଲାଇଣ୍ଡ ଷ୍ଟୋଇଂ'ର ପ୍ରଭାବଶାଳିତା ମୂଲ୍ୟାଙ୍କନ କରାଯାଇଛି। ଏହି ସମସ୍ତ ବୈଜ୍ଞାନିକ ଅଧ୍ୟୟନରୁ ବାହାରିଥିବା ନିଷ୍କର୍ଷ ଏବଂ ସୁପାରିସଗୁଡ଼ିକୁ ସତର୍କତାର ସହିତ ସମୀକ୍ଷା କରାଯିବ। ପରବର୍ତ୍ତୀ ସମୟରେ ଅଞ୍ଚଳର ଦୀର୍ଘକାଳୀନ ସ୍ଥିରତା ସୁନିଶ୍ଚିତ କରିବା ଏବଂ ଏପରି ଘଟଣାର ପୁନରାବୃତ୍ତିକୁ ରୋକିବା ପାଇଁ ଆବଶ୍ୟକ ସଂଶୋଧନାତ୍ମକ, ସ୍ଥିରୀକରଣ ଏବଂ ପ୍ରତିରୋଧକ ପଦକ୍ଷେପଗୁଡ଼ିକୁ ଶୀଘ୍ର କାର୍ଯ୍ୟକାରୀ କରାଯିବ।

# ସୁଚିସ୍ମିତା ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସମ୍ପାଦିକା


ସୁଚିସ୍ମିତା ତ୍ରିପାଠୀ।

**ଅନୁଗୋଳ,୨୦।୩(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଜିଲାର ନାରୀନେତ୍ରୀ ସୁଚିସ୍ମିତା ତ୍ରିପାଠୀଙ୍କୁ ରାଜ୍ୟ ଭାଜପା ପକ୍ଷରୁ ମହିଳା ମୋର୍ଚ୍ଚାର ସମ୍ପାଦିକା ଭାବେ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ ସୁଚିସ୍ମିତା ଜିଲା ଯୁବମୋର୍ଚ୍ଚା ସମ୍ପାଦିକା ଦାୟିତ୍ୱ ତୁଲାଇଥିବା ବେଳେ ପରବର୍ତ୍ତୀ ସମୟରେ ଜିଲା ମହିଳା ମୋର୍ଚ୍ଚା କୋଷାଧ୍ୟକ୍ଷା ଏବଂ ବର୍ତ୍ତମାନ ଜିଲା ମହିଳାମୋର୍ଚ୍ଚା ସାଧାରଣ ସମ୍ପାଦିକା ତଥା ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡିଆ) ସେଲ୍‌ର ରାଜ୍ୟ ସଂଯୋଜିକା ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ସାଙ୍ଗଠନିକ ଦକ୍ଷତା ଆଧାରରେ ରାଜ୍ୟ ମହିଳାମୋର୍ଚ୍ଚା ତାଙ୍କୁ ରାଜ୍ୟ ସମ୍ପାଦିକା ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିବାରୁ ସେ ତାଙ୍କର ମାର୍ଗଦର୍ଶକ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ରାଜ୍ୟ ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି, ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, ଜିଲା ସଭାପତି ଯଯାତି ପଟ୍ଟନାୟକ, ଏମ୍‌ପି ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନଙ୍କ ସମେତ ରାଜ୍ୟ ତଥା ଜିଲାର ବରିଷ୍ଠ ନେତୃତ୍ୱଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଜଳୁଛି କଂସାବ ଜଙ୍ଗଲ, ଲିଭାଇବାରେ ବିଫଳ ବନ ବିଭାଗ


କଂସାବ ଜଙ୍ଗଲରେ ଲାଗିଥିବା ନିଆଁ।

**ବଇଣ୍ଡା,୨୦।୩ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଧଣ୍ଡାତୋପା ରେଞ୍ଜ ଅଧୀନରେ ଥିବା କଂସାବ ଜଙ୍ଗଲରେ କିଛି ଦିନ ହେବ ନିଆଁ ଲାଗିଥିବା ଦେଖାଯାଇଛି। ହେଲେ ଏହି ନିଆଁକୁ ଆୟତ୍ତ କରିବାରେ ଧଣ୍ଡାତୋପା ବନ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସୂଚନା ଅନୁଯାୟୀ, କଂସାବ ଜଙ୍ଗଲରେ ବହୁ ମୂଲ୍ୟବାନ ଗଛ ଥିବାବେଳେ କାଠ ଚୋରଙ୍କ ନଜର ସେଠାରେ ପଡିଛି। ସେହିପରି ବହୁ ମହୁଲ ଗଛ ଥିବା ଯୋଗୁ ମହୁଲ ଫୁଲ ସଂଗ୍ରହ କରିବା ପାଇଁ ଜଙ୍ଗଲରେ ମହିଳା, ପୁରୁଷଙ୍କୁ ଦେଖିବାକୁ ମିଳୁଛି। ପତ୍ରଝଡ଼ା ଋତୁ ହୋଇଥିବାରୁ ସମ୍ପୃକ୍ତ ମହିଳା ପୁରୁଷମାନେ ମହୁଲ ଫୁଲ ସଂଗ୍ରହ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ମହୁଲ ଫୁଲ ସଂଗ୍ରହ କରିବା ପାଇଁ ଯାଉଥିବା ଲୋକଙ୍କ ମଧ୍ୟରୁ କେହି ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ସନ୍ଦେହ କରାଯାଉଛି। ପ୍ରବଳ ଖରା ହେଉଥିବା ବେଳେ ନିଆଁ ଖୁବ୍ ଜୋର୍‌ରେ ବ୍ୟାପୁଛି। ଏଥିରେ ଜଙ୍ଗଲରେ ଥିବା ଅନେକ ମୂଲ୍ୟବାନ ଔଷଧୀୟ ଗଛ ସହ ବହୁ କୀଟ ପତଙ୍ଗ ଜଳି ଯାଉଛନ୍ତି। ଏହି ନିଆଁକୁ ଦେଖି ସ୍ଥାନୀୟ ଗ୍ରାମବାସୀ ମଧ୍ୟ ଭୟଭୀତ ହୋଇପଡିଛନ୍ତି। ଏ ସମ୍ପର୍କରେ ଅଞ୍ଚଳବାସୀ ବହୁବାର ଧଣ୍ଡାତୋପା ବନ ବିଭାଗକୁ ସୂଚନା ଦେଇଥିଲେ ମଧ୍ୟ ନିଆଁ ଲିଭାଇବାରେ ବିଭାଗ ବିଫଳ ହୋଇଛି। ଏ ନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁ କହିଛନ୍ତି, ନିଆଁ ଲିଭାଯିବା ଉଦ୍ୟମ ଜାରି ରହିଛି।

# ଟ୍ରକ୍‌କୁ ଧକ୍କାଦେଲା ଟ୍ରକ୍, ଜଣେ ମୃତ



ଅଚଳ ହୋଇ ଠିଆ ହୋଇଥିବା ଟ୍ରକ୍‌କୁ ପଛରୁ ଧକ୍କା ଦେଇଛି ଆଉ ଏକ ଟ୍ରକ୍।

**ସନ୍ତ୍ରୀଛକ, ୨୦।୩ (ସନ୍ତୋଷ ପରିଡ଼ା)**

କଟକ-ସମ୍ବଲପୁର ୫୫ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲା ଗଡ଼ସନ୍ତ୍ରୀ ଗ୍ରାମ ଓଭରବ୍ରିଜ୍. ଠାରେ ଶୁକ୍ରବାର ଭୋର ୪ଟାରେ ଦୁର୍ଘଟଣା ଘଟିଛି। ଏକ ୧୪ ଚକିଆ ଟ୍ରକ୍ (ନଂ. ସିଜି୦୪ଏମ୍‌ଟି-୫୨୧୧)ର ଆଗ ଚକ ପଙ୍କଚର ହୋଇଥିବାରୁ ଗାଡ଼ିଟି ରାସ୍ତା ଉପରେ ଛିଡ଼ା ହୋଇଥିଲା। ଚାଳକ ଚକା ବଦଳ ପାଇଁ ଉଦ୍ୟମ କରୁଥିବା ବେଳେ ପଛରୁ ଆସୁଥିବା ଏକ ଟ୍ରକ୍ (ନଂ. ଓଡି୦୯ ୱାଇ ୧୮୭୬) ଧକ୍କା ଦେଇଥିଲା। ଫଳରେ ୧୪ ଚକିଆ ଟ୍ରକ୍ ଚାଳକ ମୟୂରଭଞ୍ଜ ଜିଲା ଯଶିପୁର ଅଞ୍ଚଳର ରାଇବୁ କେରାଇ (୪୫)ଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ବଅଁରପାଳ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ୧୦୮ ଆମ୍ବୁଲାନ୍ସରେ ରାଇବୁଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭରଙ୍କ ଗୋଡ ଭାଙ୍ଗି ଯାଇଥିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ଗାଡ଼ି ୨ଟିକୁ ଜବତ କରିବା ସହ ନମ୍ବର ୧୬୯/୨୬ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ସୂଚନା ଦେଇଛନ୍ତି।

# ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା


ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

**ବନ୍ତଲା,୨୦।୩ (ସୁଶିତ ସାହୁ)**

ଅନୁଗୋଳ ବନାଞ୍ଚଳ ପୋକୁଣ୍ଡା ସେକ୍ସନ ଅଧୀନ ମାଣିକଯୋଡ଼ି ପଞ୍ଚାୟତ ମାଣିକଯୋଡ଼ି ଗ୍ରାମର ବିଜୟ ପ୍ରଧାନ (୬୫)ଙ୍କ ବୁଧବାର ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିଲା। ଗୁରୁବାର ଭାଜପାର ଏକ ପ୍ରତିନିଧିମଣ୍ଡଳୀ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜିଲା ପ୍ରତିନିଧି ସୁଦୀପ ଗଡ଼ନାୟକ ଓ ଭାଜପା ନେତା ତଥା ଅନୁଗୋଳ ଜିଲା ଭାଜପାର ପୂର୍ବତନ ସଭାପତି ଦିଲେଶ୍ୱର ପ୍ରଧାନ, ସାତକୋଶିଆ ମଣ୍ଡଳ ସଭାପତି ରାଧାକାନ୍ତ ପଲେଇ, ବିଦ୍ୟାଧର ଚିନିରା, ବିକାଶ ବେହେରା ପ୍ରମୁଖ ସାମିଲ ଥିଲେ। ମୃତକଙ୍କ ପରିବାରକୁ ସରକାରୀ ସହାୟତା ମିଳିବା ନେଇ ବିଭାଗୀୟ ଅଧିକାରୀଙ୍କ ସହିତ ପ୍ରତିନିଧିମଣ୍ଡଳୀ ଆଲୋଚନା କରିବା ସହ ମୃତକ ପରିବାରକୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

# ୨ ଲକ୍ଷ ଟଙ୍କା, ୨ ଭରି ସୁନା ପାଇଁ ନିର୍ଯାତନା

## ବନ୍ତଲା ଥାନାର ଦ୍ୱାରସ୍ଥ ହେଲେ ପ୍ରେମ ବିବାହ କରିଥିବା ଯୁବତୀ

**ବନ୍ତଲା,୨୦।୩ (ସୁଶିତ ସାହୁ)**

ପରିବାର ଲୋକଙ୍କ ଅନିଚ୍ଛା ସତ୍ତ୍ୱେ ନିଜ ଗାଁର ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। ହେଲେ ଦେଢ଼ବର୍ଷ ପରେ ଯୁବତୀ ଜଣକ ଯୌତୁକ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏପରି କି ଯେଉଁ ଯୁବକଙ୍କ ଭଲପାଇବା ପାଇଁ ସେ ନିଜ ପରିବାର ଠାରୁ ଦୂରେଇ ଯାଇଥିଲେ, ସେହି ଯୁବକ ହିଁ ତାଙ୍କୁ ୨ ଲକ୍ଷ ଟଙ୍କା ଓ ୨ ଭରି ସୁନା ବାପଘରୁ ଆଣିବାକୁ ବାଧ କରୁଥିବା ନେଇ ଯୁବତୀ ଜଣକ ଅନୁଗୋଳ ଜିଲା ବନ୍ତଲା ଥାନାରେ ଅଭିଯୋଗ କରିଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ, ଅଭିଯୋଗକାରୀ ଯୁବତୀ ତାଙ୍କ ଗାଁର ଜଣେ ଯୁବକଙ୍କୁ ଭଲ ପାଉଥିଲେ। ପରିବାର ପକ୍ଷରୁ ବାରଣ କରାଯିବା ସତ୍ତ୍ୱେ ଯୁବତୀ ଜଣକ ପ୍ରେମିକଙ୍କୁ ମନ୍ଦିରରେ ବିବାହ କରିଥିଲେ। ଏହାପରେ ପରିବାର ଲୋକେ ଯୁବତୀଙ୍କ ସହ ସବୁ ସମ୍ପର୍କ ଛିନ୍ନ କରିଦେଇଥିଲେ। ବିବାହ ପରେ ଯୁବତୀ ଯୁବକ ଗାଁ ଛାଡ଼ି ତାଳଚେର ଡଅଁରାଠାରେ ଭଡ଼ା ଘର ନେଇ ରହୁଥିଲେ। ଦେଢ଼ବର୍ଷ ପର୍ଯ୍ୟନ୍ତ ଉଭୟଙ୍କ ମଧ୍ୟରେ ସବୁ କିଛି ଠିକ୍‌ଠାକ୍ ଚାଲିଥିଲା। ସେମାନଙ୍କର କନ୍ୟା ସନ୍ତାନଟିଏ ମଧ୍ୟ ରହିଛି। ତେବେ ବାପଘରୁ ୨ ଲକ୍ଷ ଟଙ୍କା ଓ ୨ଭରି ସୁନା ଆଣିବାକୁ ଯୁବକ ଜଣକ ଯୁବତୀଙ୍କୁ କହିବା ପରେ ଉଭୟଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଏପରିକି ତାଙ୍କୁ ଏହି ଯୌତୁକ ପାଇଁ ମାରପିଟ କରାଯାଇଥିବା ଯୁବତୀ ଜଣକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୨୫/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ନଟବର ନନ୍ଦ ପ୍ରକାଶ କରିଛନ୍ତି।

# ନବଦିନାତ୍ମକ ପୂଜା ପାଉଛନ୍ତି ମା' ମାହେଶ୍ୱରୀ

**ଆଠମଲ୍ଲିକ,୨୦।୩(ଉଦୀପ୍ତ ପୁରୋହିତ)**



ଗଡ଼ଜାତ ଅଞ୍ଚଳ ଆଠମଲ୍ଲିକର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ଚୈତ୍ରମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ବାସନ୍ତିକ ନବଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଦେବୋତ୍ତର ପୂଜକ ପ୍ରଫୁଲ୍ଲ ପାଣିଗ୍ରାହୀ ପ୍ରତ୍ୟହ ମଧ୍ୟାହ୍ନ ୧୨ଟାରୁ ମା'ଙ୍କ ସ୍ୱତନ୍ତ୍ର ପୂଜା ରୀତିନୀତି ଆରମ୍ଭ କରୁଥିବାବେଳେ ଏହା ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲୁଛି। ସେବକ ସୁବ୍ରତ ବେହେରାମାଳିଙ୍କ ସହିତ ସମସ୍ତ ସେବାୟତ ଉପସ୍ଥିତ ରହି ପୂଜାରେ ସହଯୋଗ କରୁଛନ୍ତି। ମହାନବମୀ ପର୍ଯ୍ୟନ୍ତ ପୂଜା ଚାଲିବା ସହିତ ମହାନବମୀରେ ମା'ଙ୍କ ନିକଟରେ ନିମ୍ବଫୁଲ ପିଠା, ମହୁଲ ପିଠା, ଖିରି, କାକରା ପ୍ରସାଦ ଲାଗିବାର ବିଧି ବ୍ୟବସ୍ଥା ଅଛି। ନବଦିନାତ୍ମକ ପୂଜା ଆରମ୍ଭରୁ ବହୁ ଶ୍ରଦ୍ଧାଳୁ ଆସି ମା'ଙ୍କ ଦର୍ଶନ କରି ସାନ୍ନିଧ ଲାଭ କରୁଥିବାର ଦେଖାଯାଉଛି। ସେହିପରି ଦୁର୍ଗା ବଜାରସ୍ଥିତ ମା' ଦୁର୍ଗାଙ୍କ ପୀଠରେ ବାସନ୍ତିକ ଦୁର୍ଗାପୂଜା ଆରମ୍ଭ ହୋଇଛି।

# ୧୦୦ ଶିକ୍ଷୟିତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ



ଶିକ୍ଷୟିତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ଆଠମଲ୍ଲିକ,୨୦।୩(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକସ୍ଥିତ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଗତ ୧୬ ତାରିଖରୁ ଜାତୀୟ ଶିକ୍ଷା ନୀତି ଅନୁଯାୟୀ ନୂତନ ପାଠ୍ୟକ୍ରମ ସଞ୍ଚାଳନ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରବୋଧନ କାର୍ଯ୍ୟକ୍ରମ ଜରିଆରେ ଦିଆଯାଉଥିବା ତାଲିମ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ୧୦୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅତିଥି ଭାବେ ହାଇସ୍କୁଲ ପ୍ରଧାନ ଶିକ୍ଷକ ତଥା ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ କୁମାର ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୈବଲ୍ୟ କଅଁର, ଧରଣୀଧର ସେଠୀ ପ୍ରମୁଖ ଯୋଗଦେଇ ଦିଆଯାଇଥିବା ତାଲିମକୁ ଶିକ୍ଷାଦାନ କାର୍ଯ୍ୟରେ ଲଗାଇବା ସହିତ ଅଭିଭାବକ, ଶିକ୍ଷକ ଓ ଶିକ୍ଷାର୍ଥୀ ମିଳିତ ସହଯୋଗରେ କାର୍ଯ୍ୟ କଲେ ଛାତ୍ରୀଛାତ୍ର ସଫଳତା ପାଇବେ ବୋଲି ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ତିଳୋତ୍ତମା ସାହୁ, ଶିକ୍ଷକ ସରୋଜ କୁମାର ପ୍ରଧାନ, ସତ୍ୟାନନ୍ଦ କଅଁର, ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ତାଲିମ ଦେଇଥିଲେ।

# ଜିଲାସ୍ତରୀୟ ବିଶ୍ୱ ପଖାଳ ଦିବସ ପାଳିତ

**ଅନୁଗୋଳ,୨୦।୩(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ 'ବିଶ୍ୱ ପଖାଳ ଦିବସ' ଶୁକ୍ରବାର ସର୍କିଟ ହାଉସ ସମ୍ମିଳନୀ କକ୍ଷଠାରେ ପାଳିତ ହୋଇଯାଇଛି। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଆ ଖାଦ୍ୟର ଗରିମା ବିଷୟରେ କହୁଥିବାବେଳେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ବରିଷ୍ଠ ପଦାଧିକାରୀ ଏକତ୍ରିତ ହୋଇ ପାରମ୍ପରିକ ପଖାଳ ଓ ଅନ୍ୟାନ୍ୟ ବ୍ୟଞ୍ଜନ ଖାଇ ଏହି ଦିବସର ଆଭିମୁଖ୍ୟକୁ ସଫଳ କରିଥିଲେ। କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଅନୁଗୋଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜଶ୍ରୀ ସାହୁ, ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରାଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଆପାତକାଳୀନ ଅଧିକାରୀ ତଥା ପର୍ଯ୍ୟଟନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା ପରିଚାଳନା କରିଥିଲେ।


ଅନୁଗୋଳ ସର୍କିଟ ହାଉସ ସମ୍ମିଳନୀ କକ୍ଷଠାରେ ପଖାଳ ଦିବସ ପାଳନ ଅବସରରେ ଅଧିକାରୀମାନେ ପଖାଳ ଖାଉଛନ୍ତି।





# କଲେଜ ଛାତ୍ରୀ ହତ୍ୟା ଘଟଣାକୁ ନେଇ ରାଜନୀତି ସରଗରମ


ମୃତ ଛାତ୍ରୀଙ୍କ ମା'ଙ୍କୁ ବିଧାୟକ ବୁଝାଶୁଝା କରୁଛନ୍ତି।


ମହିଳା ବିଜେଡି ପକ୍ଷରୁ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ।

**ଢେଙ୍କାନାଳ, ଭୁବନ, କାମାକ୍ଷାନଗର, ୨୦।୩ (ରତନ ନାୟାର/ବିପିନ ସେଠୀ/ସୁଧୀର ପରିଡା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ସାରୁଆଳି ଗ୍ରାମ ନିକଟ ଜଙ୍ଗଲରୁ ଗୁରୁବାର ପୂର୍ବାହ୍ନରେ କାମାକ୍ଷାନଗର କଲେଜର ଛାତ୍ରୀ ଅଙ୍କିତା ପ୍ରିୟଦର୍ଶିନୀ ବାରିକଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରାଯାଇଥିଲା । ପାରିପାର୍ଶ୍ୱିକ ସ୍ଥିତିରୁ ଛାତ୍ରୀଙ୍କୁ ଗଣବଳାତ୍କାର ପରେ ବିଭତ୍ସ ଭାବରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଇଛି । ଏହି ଘଟଣାକୁ ନେଇ ରାଜନୀତି ସରଗରମ ହୋଇଛି। ଶୁକ୍ରବାର କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୃତ ଛାତ୍ରୀଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିବା ସହିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ସେ ଜିଲାପାଳ ଓ ଏସ୍‌ପିଙ୍କ ସହ କଥାହେବା ପରେ କଟକ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ଓ ସୁପରିଟେଣ୍ଡେଣ୍ଟଙ୍କ ସହ କଥାହୋଇ ଶବ ବ୍ୟବଚ୍ଛେଦ ତୁରନ୍ତ କରାଯିବା ପାଇଁ ଅନୁରୋଧ କରିଥିବା ସୂଚନା ଦେଇଥିଲେ। ମୃତ ଛାତ୍ରୀଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ ।

ସେହିପରି ଢେଙ୍କାନାଳ ଜିଲା ମହିଳା ବିଜେଡି ଏବଂ ରାଜ୍ୟ ମହିଳା ବିଜେଡି ପକ୍ଷରୁ ଏକ ଟିମ୍ ମୃତ ଛାତ୍ରୀଙ୍କ ପରିବାରକୁ ଭେଟି ଘଟଣା ସମ୍ପର୍କରେ ବୁଝିବା ସହିତ ସମବେଦନା ଜଣାଇଥିଲେ। ଗତ ଦୁଇଦିନ ଧରି ମୃତଦେହ ବ୍ୟବଚ୍ଛେଦ ନ ହେବା ଏବଂ ଢେଙ୍କାନାଳ ଜିଲା ଚିକିତ୍ସାଳୟରୁ କଟକ ସ୍ଥାନାନ୍ତର କରାଯିବା ସହ ଠିକ୍ ସମୟରେ ଶବ ବ୍ୟବଚ୍ଛେଦ ନ ହେବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ତେବେ ଗଣବଳାତ୍କାରରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ କାହିଁକି ଗିରଫ କରାଯାଇନାହିଁ ବୋଲି ତାଙ୍କ ପରିବାର ଲୋକେ ସେ ବିଷୟରେ ମହିଳା ଟିମ୍‌କୁ ଜଣାଇଥିଲେ । ସେହି ସମୟରେ ମୃତ ଛାତ୍ରୀଙ୍କ ଗ୍ରାମ ମାର୍ଥାପୁରରେ ରାଜ୍ୟ ମହିଳା ଜୋନାଲ୍ ସଭାପତି ଜ୍ୟୋସ୍ନାରାଣୀ ପରିଡା, ଢେଙ୍କାନାଳ ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲା ଉପସଭାପତି ତିଳୋତମା ଚୌଧୁରୀ, ଉର୍ବଶୀ ମହାପାତ୍ର, ଶ୍ରଦ୍ଧାଞ୍ଜଳି ସାହୁ, ଜ୍ୟୋସ୍ନାରାଣୀ ମଣ୍ଡଳ ଏବଂ ଭୁବନ ଏନ୍ଏସି. ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ଭୁବନ ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ପ୍ରମୁଖ ଉପସ୍ଥିତ ଥିଲେ । ପରବର୍ତ୍ତୀ ସମୟରେ ସେଠାରୁ ସମସ୍ତ କର୍ମକର୍ତ୍ତା ଢେଙ୍କାନାଳ ଆସି ଏସ୍‌ପିଙ୍କୁ ଭେଟି ଏହି ଘଟଣାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ସମୟରେ ରାଜ୍ୟ ଛାତ୍ର ବିଜେଡି ସଭାପତି ଇପ୍‌ସିତା ସାହୁ, ଢେଙ୍କାନାଳ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡଙ୍ଗୀ, ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଜିଲା ଉପସଭାପତି ଦେବାଶିଷ ମିଶ୍ର, ଅଜୟ କୁମାର ଭଞ୍ଜ, ଜିଲା ଛାତ୍ର ବିଜେଡି ସଭାପତି ଆରୟାନ ଦାସ, ସୋସିଆଲ୍ ମିଡିଆ ସଂଯୋଜକ ଗଙ୍ଗାଧର ରାଉତ, କାଉନ୍‌ସିଲର ଲିପିକା ଦାସ, ପ୍ରଦୀପ କୁମାର ସାହୁ ଓ ମାନସ ରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ପ୍ରଦେଶ ମହିଳା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନୀପତି ମହିଳା କଂଗ୍ରେସର ଏକ ସ୍ୱତନ୍ତ୍ର ଟିମ୍ କାମାକ୍ଷାନଗରକୁ ପଠାଇଥିଲେ । ପ୍ରଦେଶ ମହିଳା କଂଗ୍ରେସର ଉପସଭାପତି ଜୟଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ମଞ୍ଜୁଶ୍ରୀ ମିଶ୍ର, ଜୟସ୍ମିତା ମହାନ୍ତି ଓ ସବିତା ଧୀର ମୃତ ଛାତ୍ରୀଙ୍କ ଗ୍ରାମକୁ ଯାଇ ତାଙ୍କ ପରିବାରକୁ ସାକ୍ଷାତ କରିଥିଲେ । ଏହାପରେ କାମାକ୍ଷାନଗର ଥାନା ଅଧିକାରୀଙ୍କୁ ଭେଟି ଦୋଷୀଙ୍କୁ ତୁରନ୍ତ ଧରିବା ପାଇଁ ଦାବି କରିଥିଲେ । ପୀଡିତାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର ଅନୁକମ୍ପା ରାଶି ମଧ୍ୟ ଦାବି କରିଥିଲେ।

**■ମୃତ ଛାତ୍ରୀଙ୍କ ପରିବାରକୁ ଭେଟିଲେ ବିଧାୟକ**
**■ମହିଳା ବିଜେଡି ଓ କଂଗ୍ରେସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି**

ଏହି ଅବସରରେ ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, କାମାକ୍ଷାନଗର କଂଗ୍ରେସ ବିଧାୟକ ପ୍ରାର୍ଥୀ ବିପ୍ରବର ସାହୁ, କାମାକ୍ଷା ପଣ୍ଡା, ବ୍ରହ୍ମାନନ୍ଦ କୁଅଁର, ସଞ୍ଜୀବ କୁମାର ବେହେରା, ଅଯୋଧ୍ୟା ଶାତପଥୀ, ଦୁଃଶାସନ ସାହୁ, ସଞ୍ଜୀବ କୁମାର ସାହୁ, ଅଶୋକ କୁମାର ନାଥ ଓ ରୋହିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା।


ପୀଡ଼ିତାଙ୍କ ପରିବାରକୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ।

## ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗରେ ୨ ଗିରଫ

**ଢେଙ୍କାନାଳ,୨୦।୩(ରତନ ନାୟାର)**

ଢେଙ୍କାନାଳ ସହର ମହିଷାପାଟ ଅଞ୍ଚଳରେ ଶୁକ୍ରବାର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗରେ ୨ ଜଣଙ୍କୁ ଟାଉନ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗରୁ ଜଣାପଡିଛି ଯେ, ନାବାଳିକା ଜଣଙ୍କୁ ତାଙ୍କ ପରିବାର ସଦସ୍ୟଙ୍କ ଅନୁପସ୍ଥିତିରେ ୨ ଅଭିଯୁକ୍ତ ଗଣବଳାତ୍କାର କରିଥିଲେ। ନାବାଳିକାଙ୍କ ଅଭିଯୋଗକୁ ଭିତ୍ତିକରି ଟାଉନ ଥାନାରେ ଏ ସଂକ୍ରାନ୍ତରେ କେସ୍ ନଂ-୧୭୭/୨୬, ଦଫା ୩୩୩, ୭୦(୨), ୩୫୧(୩)ବିଏନ୍‌ସ୍, ୬ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସୁଶାନ୍ତ କୁମାର ନନ୍ଦ(୪୫) ଓ ତାଙ୍କ ଭାଇ ନିରଞ୍ଜନ ନନ୍ଦ(୩୨)ଙ୍କୁ ପୋଲିସ ଗିରଫ କରିଛି ବୋଲି ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ଦୋରା ସୂଚନା ଦେଇଛନ୍ତି। ୨ ଅଭିଯୁକ୍ତ ପୀଡ଼ିତାଙ୍କର ସମ୍ପର୍କୀୟ ଦାଦା ହେବେ ବୋଲି ଜଣାପଡିଛି।

## ଜଳ, ବାୟୁ, ଶବ୍ଦ ପ୍ରଦୂଷଣ ସମସ୍ୟାର ସମାଧାନ ହେଉ

**ଢେଙ୍କାନାଳ,୨୦।୩(ରତନ ନାୟାର)**

**ପୂର୍ବତନ ଏମ୍‌ପିଙ୍କ ଦାବିପତ୍ର**

ଢେଙ୍କାନାଳ ଜିଲାରେ ବିଭିନ୍ନ ସମସ୍ୟା ସମ୍ପର୍କରେ ପୂର୍ବତନ ଏମ୍‌ପି ମହେଶ ସାହୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଶୁକ୍ରବାର ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଜଳ, ବାୟୁ ଓ ଶବ୍ଦ ପ୍ରଦ୍ୟୁଷଣ ଜିଲାରେ ଅତ୍ୟନ୍ତ ଉଦ୍‌ବେଗଜନକ ପରିସ୍ଥିତ ସୃଷ୍ଟି ହୋଇଛି। ଫଳରେ ଏହି ସମସ୍ୟାକୁ ନେଇ ଅନେକ ଧନଜୀବନ ନଷ୍ଟ ହେବା ସହିତ ଜନସାଧାରଣ ରୋଗାଗ୍ରସ୍ତ ହେଉଛନ୍ତି। ଏହାର ନିୟନ୍ତ୍ରଣ ଓ ସୁବ୍ୟବସ୍ଥା ପାଇଁ ଆବ୍ୟଶକ ପଦକ୍ଷେପ ନେବାକୁ ସେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହାରାଙ୍କୁ ଲିଖିତ ପତ୍ର ପ୍ରଦାନ କରିଥିବା ସୂଚନା ପ୍ରଦାନ କରିଛନ୍ତି ।

## ପୂର୍ବତନ ସରପଞ୍ଚ ବିଜୟ ସାହୁଙ୍କ ପରଲୋକ

**ଢେଙ୍କାନାଳ,୨୦।୩(ରତନ ନାୟାର)**


ପୂର୍ବତନ ସରପଂଚ ବିଜୟ ସାହୁ।

ଢେଙ୍କାନାଳ ସଦରବ୍ଲକ୍ ନଡିଆଳୀ ପଞ୍ଚାୟତର ପୂର୍ବତନ ଲୋକପ୍ରିୟ ସରପଞ୍ଚ ବିଜୟ କୁମାର ସାହୁଙ୍କର ୭୦ବର୍ଷ ବୟସରେ ରବିବାର ରାତି ୯ଟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ତାଙ୍କର ମରଶରୀରକୁ ପ୍ରଥମେ ଢେଙ୍କାନାଳ ସହରସ୍ଥିତ ଗୁଡିଆନାଳୀ ବାସଭବନକୁ ଅଣାଯାଇ ସେଠାରୁ ନଡିଆଳୀ ଗ୍ରାମକୁ ନିଆଯାଇଥିଲା । ଶାନ୍ତି ରଥରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସେ ୧୯୮୭ରେ ନିର୍ଦ୍ୱନ୍ଦ୍ୱରେ ସରପଞ୍ଚ ନିର୍ବାଚିତ ହେବା ପରେ ପୁନର୍ବାର ୧୯୯୭ରୁ ୨୦୦୨ ଯାଏଁ ନଡିଆଳୀର ଦ୍ୱିତୀୟ ବାର ସରପଞ୍ଚ ହୋଇଥିଲେ। ସେ ଏକାଧାରରେ ରାଜା କାମାକ୍ଷାପ୍ରସାଦ ସିଂହଦେଓ ଓ ନନ୍ଦିନୀ ଦେବୀଙ୍କର ପ୍ରିୟପାତ୍ର ଥିଲେ । ତାଙ୍କରି ଉଦ୍ୟମରେ ନଡିଆଳୀ ଗ୍ରାମରେ ରାଜ୍ୟ ପଣ୍ୟାଗାର ନିଗମ ପକ୍ଷରୁ ଗୋଦାମ ନିର୍ମିତ ହୋଇଥିଲା । ସେ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମଲ୍ଲିକେଶ୍ୱରୀ ଠାକୁରାଣୀଙ୍କ ଉନ୍ନୟନ ଟ୍ରଷ୍ଟର ସଭାପତି ମଧ୍ୟ ଥିଲେ । ସେ ଢେଙ୍କାନାଳ ଜିଲା ଶ୍ରୀଜଗନ୍ନାଥ ସେବା ପରିଷଦ ଓ ଜିଲା ସକ୍ରିୟ ନାଗରିକ ପରିଷଦର ଆଜୀବନ ସଭ୍ୟ ରହିଥିଲେ । ତାଙ୍କ ବିୟୋଗରେ ପରିଷଦର ଉପଦେଷ୍ଟା ଯୁବରାଜ ଅମରଜ୍ୟୋତି ସିଂହଦେଓ, ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଅଶୋକ କୁମାର ନନ୍ଦଙ୍କ ସମେତ ସଭ୍ୟମାନେ ଗଭୀର ଶୋକ ପ୍ରକାଶ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି। ଏକମାତ୍ର ପୁତ୍ର ସିଦ୍ଧାର୍ଥ ମୁଖାଗ୍ନି ଦେଇଥିଲେ । ତାଙ୍କର ଏକମାତ୍ର ବିବାହିତା କନ୍ୟା ସୁମନ ଶ୍ରଦ୍ଧା ଶେଷ ସମୟରେ ଉପସ୍ଥିତ ରହିଥିଲେ। ତାଙ୍କ ବିୟୋଗରେ ସମଗ୍ର ନଡିଆଳୀ ପଞ୍ଚାୟତ ତଥା ଢେଙ୍କାନାଳ ସହରରେ ଶୋକର ଛାୟା ଖେଳିଯାଇଛି।

## ଇପିଏସ୍-୯୫ ପେନ୍‌ସନଭୋଗୀଙ୍କ ପେନ୍‌ସନ ବୃଦ୍ଧି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

**ଢେଙ୍କାନାଳ,୨୦।୩(ରତନ ନାୟାର)**

ଲୋକସଭାରେ ଗତ ଫେବୃଆରୀ ୧୩ ତାରିଖରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣିଙ୍କର ଇପିଏସ୍-୯୫ ପେନ୍‌ସନ୍‌ଭୋଗୀଙ୍କ ମାସିକ ପେନ୍‌ସନକୁ ବଢାଇ ୫ ହଜାର ଟଙ୍କା କରିବା ପାଇଁ ଉଠାଇଥିବା ପ୍ରସ୍ତାବ ସମ୍ପର୍କରେ ଶୁକ୍ରବାର କେନ୍ଦ୍ର ସରକାରଙ୍କ ଶ୍ରମମନ୍ତ୍ରୀ ଡ. ମନସୁଖ ମାଣ୍ଡଭିୟେ ଉତ୍ତର ରଖିଛନ୍ତି । ଏମ୍‌ପି ପାଣିଙ୍କର ଧାରା-୩୭୭ ଅନୁଯାୟୀ ଏହି ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଶ୍ରମମନ୍ତ୍ରୀ କହିଛନ୍ତି ଯେ, ଇପିଏସ୍-୯୫ ପେନ୍‌ସନ ଯୋଜନା ନିର୍ଦ୍ଧାରିତ ଲାଭ ଅଧାରିତ ଏକ ସାମାଜିକ ସୁରକ୍ଷା ଯୋଜନା । କେନ୍ଦ୍ର ସରକାରଙ୍କ ଦ୍ୱାରା ବଜେଟ୍ ସହାୟତା ମାଧ୍ୟମରେ ବେତନର ୧.୧୬ ପ୍ରତିଶତ ଅଂଶଦାନ ଦ୍ୱାରା କରାଯାଇଥାଏ। ସରକାର ୨୦୧୪ରେ ପ୍ରଥମଥର ଇପିଏସ୍-୯୫ ଅନ୍ତର୍ଗତ ପେନ୍‌ସନଭୋଗୀଙ୍କୁ ସର୍ବନିମ୍ନ ପେନସନ ଲାଭ ଦେବା ପାଇଁ ବ୍ୟବସ୍ଥା କରିଥିଲେ । ଯେଉଁଥିପାଇଁ କି ବଜେଟରେ ସହାୟତା ପ୍ରଦାନ କରାଯାଇଛି । ଭାରତ ସରକାର ଇପିଏସ୍-୯୫ ଯୋଜନା ଅନ୍ତର୍ଗତ ପେନ୍‌ସନଭୋଗୀମାନଙ୍କୁ ଅଧିକତମ ଲାଭ ସୁନିଶ୍ଚିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଏହା ଆର୍ଥିକ ବ୍ୟବସ୍ଥା ସ୍ଥିତିକୁ ଧ୍ୟାନରେ ରଖି ନିଆଯାଇଥାଏ ବୋଲି କେନ୍ଦ୍ର ଶମମନ୍ତ୍ରୀ ଏମ୍‌ପି ପାଣିଙ୍କ ଉତ୍ତରରେ ଜଣାଇଛନ୍ତି।

**ଏମ୍‌ପିଙ୍କ ପ୍ରସ୍ତାବ ଉପରେ କେନ୍ଦ୍ର ଶ୍ରମମନ୍ତ୍ରୀ ଉତ୍ତର ରଖିଲେ**

## ବିଜେଡିର କ୍ୟାଣ୍ଡେଲ ଶୋଭାଯାତ୍ରା




**କାମାକ୍ଷାନଗର, ୨୦।୩ (ସୁଧୀର କୁମାର ପରିଡ଼ା)**

କାମାକ୍ଷାନଗର କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର କରି ହତ୍ୟା ଘଟଣାକୁ ତିନିଦିନ ବିତିଲାଣି କିନ୍ତୁ ଏ ପର୍ଯ୍ୟନ୍ତ ପୋଲିସ ହାତ ଖାଲିରହିଛି। ଏ ନେଇ କାମାକ୍ଷାନଗର ବିଜେଡି ପକ୍ଷରୁ ମୃତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଓ ହତ୍ୟାକାରୀଙ୍କୁ ଫାଶୀଦଣ୍ଡ ପ୍ରଦାନ କରିବାକୁ ସରକାରଙ୍କୁ ଦାବି କରାଯାଇଛି। ଏହି ଅବସରରେ ବିଜେଡି ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ସ୍ଥାନୀୟ ହନୁମାନ ବଜାରରୁ ବାହାରି ସହର ପରିକ୍ରମା କରିଥିଲା। ଢେଙ୍କାନାଳ ଜିଲା ଯୁବ ବିଜେଡି ସଭାପତି ତଥା କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡାଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରାରେ ରାଜ୍ୟ ବିଜୁ ଯୁବ ଜନତା ଦଳ ଉପସଭାପତି ସତ୍ୟଜିତ ପଟ୍ଟନାୟକଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ। ମୃତ ଛାତ୍ରୀଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଓ ନାରୀ ନିର୍ଯାତନା କ୍ଷେତ୍ରରେ ସରକାରଙ୍କ ବିଫଳତାକୁ ନେଇ ଦାବି ଉଠାଇଥିଲେ। ରାଜ୍ୟରେ ଦିନକୁ ଦିନ ଛାତ୍ରୀ, ମହିଳା ଓ ନାରୀମାନଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଉଥିବା ବେଳେ ଏହାକୁ ନେଇ ସରକାର ନୀରବ ଅଛନ୍ତି । ଏହି ସରକାର ନାରୀ ବିରୋଧୀ ସରକାର ବୋଲି କର୍ମୀମାନେ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଏନ୍ଏସି ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ବିଜେଡି ବ୍ଲକ ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ନାରୀ ନେତ୍ରୀ ରଞ୍ଜିତା ବେହେରା, ଯୁବ ନେତା ଦିଲୀପ ଷେଣ୍ଟଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଗାୟିତ୍ରୀ ପରିବାର ପକ୍ଷରୁ ବାସନ୍ତିକ ନବରାତ୍ର ପୂଜା

**ଢେଙ୍କାନାଳ,୨୦।୩(ରତନ ନାୟାର)**

ଢେଙ୍କାନାଳ କୈବଲ୍ୟ ବଜାରସ୍ଥିତ ଗାୟତ୍ରୀ ଶକ୍ତିପୀଠ ପରିସରରେ ବାସନ୍ତିକ ନବରାତ୍ର ପୂଜା ଅନୁଷ୍ଠିତ ହୋଇଯାଇଛି । ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଏହି ପୂଜା ଅନୁଷ୍ଠିତ ହେଉଥିବାବେଳେ ଗୁରୁବାର ନବରାତ୍ର ସଂକଳ୍ପ ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ପରମପୂଜ୍ୟ ଗୁରୁଦେବ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଓ ପରମ ବନ୍ଦନୀୟା ମାତା ଭଗବତୀ ଦେବୀ ଶର୍ମାଙ୍କ ଆଦେଶ ମୁତାବକ ଚଳିତ ବର୍ଷ ବାସନ୍ତିକ ନବରାତ୍ର ପାଳନ ହୋଇଯାଇଛି। ଆସନ୍ତା ୨୬ ତାରିଖ ଶୁକ୍ରବାର ଯଜ୍ଞ ସହିତ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ ।

## ପ୍ରଶାସନ ପକ୍ଷରୁ ପଖାଳ ପରବ



**ଢେଙ୍କାନାଳ,୨୦।୩(ରତନ ନାୟାର)**

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଓଡ଼ିଆ ପାରମ୍ପରିକ ଖାଦ୍ୟ ପଖାଳ ପରବ ଶୁକ୍ରବାର ଆନନ୍ଦ ଉଲ୍ଲାସହ ପାଳିତ ହୋଇଯାଇଛି। ଏହି ଅବସରରେ ଦହି ପଖାଳ ସହିତ ପାରମ୍ପରିକ ଚିଙ୍ଗୁଡ଼ି, ବଡ଼ିଚୁରା, ମାଛ ବେସର, ଆଳୁଭର୍ତ୍ତା, କଦଳି ଭଜା ସହିତ ଓଡିଆ ବ୍ୟଞ୍ଜନ ପରସା ଯାଇଥିଲା । ଏଥିରେ ବହୁ ସଂଖ୍ୟାରେ ଲୋକ ପଖାଳର ସ୍ୱାଦ ନେଇଥିଲେ ।

## ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ସାଧାରଣ ସଭା



**ଢେଙ୍କାନାଳ,୨୦।୩(ରତନ ନାୟାର)**

ଢେଙ୍କାନାଳ ଜିଲାର ଅବସରପ୍ରାପ୍ତ ପୋଲିସ ଅଧିକାରୀ ସଂଘର ଏକ ସାଧାରଣ ସଭା ଶ୍ୟାମାଚରଣପୁରସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶେୟାର' ସଭାଗୃହରେ ସଂଘର ସଭାପତି ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାର ବିଭିନ୍ନ ସ୍ଥାନରୁ ଅବସରପ୍ରାପ୍ତ ପୋଲିସ ଅଧିକାରୀମାନେ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସମସ୍ତ ସଭ୍ୟମାନଙ୍କ ପାଇଁ ସୁବିଧାଜନକ ସ୍ୱାସ୍ଥ୍ୟ ସେବା, ଇନ୍ୟୁସୁରାନ୍ସ ସୁବିଧା ଏବଂ ସଂଘ ପାଇଁ ଏକ ଗୃହ ଯୋଗାଇ ଦେବା ଦାବି ହୋଇଥିଲା । ଏଥିନିମନ୍ତେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲାପାଳ ଓ ଏସ୍‌ପିଙ୍କୁ ଅନୁରୋଧ କରିବା ପାଇଁ ନିଷ୍ପତ୍ତି ନିଆଗଲା । ପରବର୍ତ୍ତୀ ସଭା ଆସନ୍ତା ଏପ୍ରିଲ ୧୨ ତାରିଖରେ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ କରାଗଲା । ଏହି ସଭାରେ ସଂଘର କାର୍ଯ୍ୟକାରୀ ସଭାପତି ଅବସରପ୍ରାପ୍ତ ଏସ୍‌ପି ପ୍ରଦୀପ କୁମାର ମିଶ୍ର, ଇନ୍ଦ୍ରମଣୀ ବେହେରାଙ୍କ ସମେତ ୪୦ଜଣ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଯୋଗଦାନ କରିଥିଲେ ।

## ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଯୁଗ୍ମ ସଚିବଙ୍କ ଆଇଆଇଏମ୍‌ସି ପରିଦର୍ଶନ

**ଷ୍ଟାର୍ଟଅଫ୍ ଓ ଏଭିଜିସି ଉପରେ ଗୁରୁତ୍ୱାରୋପ**

**ଢେଙ୍କାନାଳ,୨୦।୩(ରତନ ନାୟାର)**



ଯୁଗ୍ମ ସଚିବ ପୃଥୁଲ କୁମାରଙ୍କୁ ଆଂଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରୁଛନ୍ତି।

ଢେଙ୍କାନାଳ ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମ୍‌ସି) କ୍ୟାମ୍ପସକୁ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଯୁଗ୍ମ ସଚିବ ପୃଥୁଲ କୁମାର ଶୁକ୍ରବାର ପରିଦର୍ଶନ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଯୁଗ୍ମ ସଚିବ ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। ବିଶେଷକରି ଷ୍ଟାର୍ଟଅପ୍, ଉଦ୍ୟୋଗତା, ଡିଜିଟାଲ କଣ୍ଟେଟ କ୍ରିଏଶନ ଏବଂ ଆନିମେଶନ, ଭିଜୁଆଲ, ଗେମିଙ୍ଗ ଓ କମିକ୍ସ (ଏଭିଜିସି) ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଓଡିଆ, ଇଂରାଜୀ ସାମ୍ବାଦିକତା ଏବଂ କର୍ପୋରେଟ କମ୍ୟୁନିକେଶନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ବିଭାଗର ବିଦ୍ୟାର୍ଥୀଙ୍କ ଦକ୍ଷତା ଓ ଆତ୍ମବିଶ୍ୱାସ ବଢାଇବା ପାଇଁ ସରକାରୀ ଓ କର୍ପୋରେଟ ସଂସ୍ଥାରେ କାର୍ଯ୍ୟ କରିବାର ସୁଯୋଗ ତିଆରି କରିବା ପାଇଁ ପରାମର୍ଶ ଦେଇଥିଲେ । ପଡୋଶୀ ରାଜ୍ୟଗୁଡିକର ସରକାରୀ ଓ ପବ୍ଲିକ ସେକ୍ଟର ଅଧିକାରୀଙ୍କ ନିମନ୍ତେ ତାଲିମ ଆୟୋଜନ କରିବା ସହିତ ସମଗ୍ର ପୂର୍ବ ଭାରତରେ ପ୍ରତିଷ୍ଠାନର ଗାରିମା ବଢାଇବାକୁ ପରାମର୍ଶ ଦେଇଥିଲେ । ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ, ଯୁଗ୍ମ ସଚିବଙ୍କୁ ସ୍ୱାଗତ ସମ୍ବର୍ଦ୍ଧିତ କରିବା ସହ ବୈଠକରେ ଅଧ୍ୟକ୍ଷତା କରି ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ପିପିଟି ପ୍ରେଜେଣ୍ଟେଶନ ମାଧ୍ୟମରେ ପ୍ରତିଷ୍ଠାନର ଇତିହାସ, ସଫଳତା ଏବଂ ପ୍ଲେସମେଣ୍ଟ ଓ ଆଲୁମ୍ନି ସମ୍ପର୍କରେ ଆଲୋଚନାନ ରଖିଥିଲେ । ସେହିପରି ଚଳିତ ଶିକ୍ଷାବର୍ଷରୁ ମିଡିଆ ଓ କମ୍ୟୁନିକେଶନ ଗଭର୍ଣ୍ଣାନ୍ସ ଏବଂ କର୍ପୋରେଟ କମ୍ୟୁନିକେଶନ ଏ ବ୍ରାଣ୍ଡ ମ୍ୟାନେଜମେଣ୍ଟ ବିଷୟରେ ଆରମ୍ଭ ହେଉଥିବା ସ୍ନାତକୋତ୍ତର ପାଠ୍ୟକ୍ରମ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ । ସହକାରୀ ପ୍ରଫେସର ପାରସ ଯାଦବ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ଆଇଆଇଏମ୍‌ସିର ଓଏସ୍‌ଡି ଡ. ସତ୍ୟ ନାରାୟଣ ପଟ୍ଟନାୟକ, ସରକାରୀ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠ, ଡ. ଚିରସ୍ରୋତା ଜେନା, ଆଭା ସିଂ, ଏକାଡେମିକ ଆସୋସିଏଟ୍ ହରେକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀ ଓ ପ୍ରତିଷ୍ଠାନର କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

